## ସଂକ୍ଷେପରେ

### ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ବଅଁରପାଳ,୪।୬(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ ଆଞ୍ଚଳିକ କଲେଜକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଖୁଣ୍ଟଟି ବଙ୍କ ହୋଇଯାଇଥିବାବେଳେ ଏକ ଲୁହା ତାର ସହାୟତାରେ ତାହାକୁ ନିକଟସ୍ଥ ଶୁଖିଲା ଗଛରେ ବନ୍ଧାଯାଇଛି। ଉକ୍ତ ଖୁଣ୍ଟଟି ଢଳି ରହିଥିବାରୁ ଶୁଖିଲା ଗଛ ଭାଙ୍ଗିଗଲେ ତାହା ରାସ୍ତା ଉପରକୁ ଖସିପଡ଼ିବ। ଏହି ରାସ୍ତା ଦେଇ କଲେଜକୁ ଦୈନିକ ବହୁ ଛାତ୍ରୀଛାତ୍ର ଯାତାୟାତ କରୁଥିବାରୁ ଅଘଟଣ ଆଶଙ୍କା କରାଯାଉଛି। ସେହିପରି ଶୁଖିଲା ଗଛକୁ କଟା ନ ଯାଇ ବିଦ୍ୟୁତ୍ ଖୁଣ୍ଟ ସହ ବନ୍ଧା ଯାଇଥିବାରୁ ଏହା ମଧ ବିପଦ ଆଶଙ୍କା ବଢ଼ାଉଛି। ତୁରନ୍ତ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ପାରିବାରିକ କଳହକୁ ନେଇ ମାର୍‌ପିଟ

ଛେଣ୍ଡିପଦା,୪।୬(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତର ଗୋଳାଗାଡିଆ ଗ୍ରାମରେ ପାରିବାରିକ କଳହକୁ ନେଇ ମାର୍‌ପିଟ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୋଳାଗାଡିଆ ଗ୍ରାମର ଭଗବାନ ମିଶ୍ରଙ୍କ ପୁଅ ଚିଲୁ ମିଶ୍ର ପୋଖରୀ ଆଡେ ଯାଇଥିବାବେଳେ ପାରିବାରିକ କଳହକୁ ନେଇ ସେଠାରେ ଅଞ୍ଜନ ମିଶ୍ରଙ୍କ ସହିତ ବଚସା ହୋଇଥିଲା। କିଛି ସମୟ ପରେ ଅଞ୍ଜନ ଓ ଚନ୍ଦନ ମିଶ୍ର ଏକ ଲୁହାରଡ ଧରି ଚିଲୁ ମିଶ୍ରଙ୍କ ଘର ଭିତରେ ପଶି ଚିଲୁଙ୍କୁ ମାର୍‌ପିଟ କରିବା ସହିତ ମୁଣ୍ଡ ଫଟାଇ ଦେଇଥିଲେ। ଚିଲୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏସ୍‌ଆଇ ଦିଲୀପ କୁମାର ଲାକ୍ରା ନଂ. ୨୭୦/୨୨ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଚନ୍ଦନ ମିଶ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

### ପ୍ରଧାନଶିକ୍ଷକଙ୍କ ପରଲୋକ



ବନ୍ତଲ,୪।୬ (ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳ ନନ୍ଦପୁର କଳିଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ଶ୍ରୀଧର ପ୍ରଧାନ (୫୨)ଙ୍କ ନୂଆପଡା ଖଜୁରୀନାଳୀ ଗ୍ରାମସ୍ଥିତ ବାସଭବନଠାରେ ଶନିବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବନ୍ତଲା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସହିତ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଖଣି ଅଞ୍ଚଳରେ ଖେଳିବ ସବୁଜିମା

ଅନୁଗୋଳ ଅଫିସ, ୪।୬
ଅମିତ କୁମାର ସାମଲ



■ପ୍ରଦୂଷଣମୁକ୍ତ ଅନୁଗୋଳ ପାଇଁ ପ୍ରଶାସନର ପ୍ରୟାସ
■ପୁନରୁଦ୍ଧାର ହେବ ଜଳଉତ୍ସ, ଇ-ୱେଷ୍ଟ ପାଇଁ ରିସାଇକେଲ ହବ୍
■ପରାମର୍ଶଦାତା ଭାବେ କାର୍ଯ୍ୟ କରିବ ଆଇଆଇଟି କାନପୁର

ଖଣିଜ ଖନନ ପରେ ପରିତ୍ୟକ୍ତ ହୋଇପଡ଼ୁଥିବା ଅନୁଗୋଳର ଖଣି ଅଞ୍ଚଳରେ ଖେଳିବ ସବୁଜିମା। ଦୁର୍ଘଟଣା ଆଶଙ୍କାରେ ସେଠାକୁ ଯାଉ ନ ଥିବା ଲୋକଙ୍କ ପାଇଁ ଆକର୍ଷଣୀୟ ସାଜିବ ଉକ୍ତ ସବୁଜ ପରିବେଶ। ଜିଲାରେ ନିଶ୍ଚିହ୍ନ ହୋଇଯାଉଥିବା ଜଳଉତ୍ସଗୁଡ଼ିକର ହେବ ପୁନରୁଦ୍ଧାର। ରିସାଇକେଲ ହବ୍ ଜରିଆରେ ପ୍ଲାଷ୍ଟିକ ଓ ଇ-ୱେଷ୍ଟକୁ ପୁନଃ ବ୍ୟବହାରଯୋଗ୍ୟ କରାଯିବ। ପ୍ରଦୂଷଣ ବଳୟରେ ଥିବା ଅନୁଗୋଳ ଜିଲାର ପରିବେଶକୁ ମୁକ୍ତ ଓ ସୁସ୍ଥ କରିବା ଦିଗରେ ଏପରି ଏକ ପ୍ରୟାସ କରିବାକୁ ଯାଉଛି ଜିଲା ପ୍ରଶାସନ। ଆଇଆଇଟି କାନପୁରର ଆର୍ଥ ସାଇନ୍ସ ବିଭାଗ ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହ ପରାମର୍ଶଦାତା ଭାବେ କାର୍ଯ୍ୟ କରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଖଣି ଖାଦାନରେ ପରିପୂର୍ଣ୍ଣ ଶିଳ୍ପ ଜିଲା ଅନୁଗୋଳର ପାଣି ପବନ ବିଷାକ୍ତ ହେବାରେ ଲାଗିଛି। ବିଶେଷକରି ତାଳଚେର ଓ କଣିହାଁ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। କୋଇଲା ଖଣିର ଧୂଳି ଧୂଆଁ ଓ ବିଦ୍ୟୁତ୍ ପ୍ରକଳ୍ପରୁ ନିର୍ଗତ ପାଉଁଶ ଯୋଗୁ ଏଠାକାର ଲୋକେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ସେହିପରି ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଓ ଘରୋଇ ଉଦ୍ୟୋଗଗୁଡ଼ିକରୁ ବାହାରୁଥିବା ବର୍ଜ୍ୟ ପରିବେଶକୁ ବିଗାଡ଼ି ଦେଉଥିବାବେଳେ ନୂଆ ବାସସ୍ଥାନ ନିର୍ମାଣରେ ଲାଗିପଡ଼ିଥିବା ଜନସାଧାରଣ ପୁରୁଣା ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ୍ସ ଓ ଅନ୍ୟାନ୍ୟ ସାମଗ୍ରୀର ଆବର୍ଜନା ଠୁଳ କରି ପ୍ରଦୂଷଣର ସ୍ତର ବୃଦ୍ଧି କରିବାରେ ଲାଗିଛନ୍ତି। ଏସବୁ କାରଣରୁ ଜିଲାରେ ଥିବା ବହୁ ନଦୀ, ନାଳ ଓ ପୋଖରୀ ପରି ଜଳଉତ୍ସଗୁଡ଼ିକ ବିଷାକ୍ତ ହୋଇପଡୁଛି। ଦୀର୍ଘଦିନ ଧରି ଅବ୍ୟବହୃତ କାରଣରୁ ଏଥିରୁ କେତୋଟି ଜଳଉତ୍ସ ନିଶ୍ଚିହ୍ନ ହେବାରେ ଲାଗିଛି। ଏହା ଜିଲାର ଜୈବ ବିବିଧତାକୁ ଗଭୀର ଭାବେ ପ୍ରଭାବିତ କରୁଥିବାରୁ ଅନୁଗୋଳର ପାଣି ପବନକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ଆଇଆଇଟି କାନପୁର ସହ ମିଶି ପ୍ରଚେଷ୍ଟା ଆରମ୍ଭ କରିଛି ଜିଲା ପ୍ରଶାସନ। ପ୍ରସ୍ତୁତ ହେଉଥିବା ବ୍ଲୁ ପ୍ରିଣ୍ଟ ଅନୁଯାୟୀ ଖନନ ପରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଖଣି ଖାଦାନ ଅଞ୍ଚଳକୁ ବୃକ୍ଷରୋପଣ ପାଇଁ ପ୍ରସ୍ତୁତ କରାଯିବ। ଆଗାମୀ କିଛି ବର୍ଷ ମଧ୍ୟରେ ଏହାକୁ ସବୁଜିମାରେ ଭରିଦିଆଯିବ। ଏହା ଯେପରି ଲୋକଙ୍କ ବ୍ୟବହାରରେ ଲାଗିପାରିବ ସେହିପରି ଭାବେ ଆକର୍ଷଣୀୟ କରାଯିବ। ନିଶ୍ଚିହ୍ନ ହୋଇଯାଉଥିବା ଜଳଉତ୍ସର ପୁନରୁଦ୍ଧାର ସହ ଅବ୍ୟବହୃତ ପୋଖରୀଗୁଡ଼ିକୁ ବ୍ୟବହାରଯୋଗ୍ୟ କରାଯିବ। ତାଳଚେର ଓ କଣିହାଁରେ ଭୂତଳ ଜଳସ୍ତର ହ୍ରାସର ପ୍ରତିକାର ବ୍ୟବସ୍ଥା ହେବ। ଦୂଷିତ ହେଉଥିବା ନଦୀ, ନାଳ ଓ ସତ୍ୟବାଦୀ ସାଗର ପାଣିକୁ ପରିଷ୍କାର କରାଯିବ। ମୃତ୍ତିକା ପ୍ରଦୂଷଣ ରୋକିବାକୁ ପ୍ଲାଷ୍ଟିକ ଓ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟକୁ ରିସାଇକେଲ ହବ୍ ଜରିଆରେ ପୁଣିଥରେ ବ୍ୟବହାର ଉପଯୋଗୀ କରାଯିବ। ଏହାକୁ କିପରି ସରକାରୀ ଓ ବ୍ୟକ୍ତିଗତ ନିର୍ମାଣରେ ବ୍ୟବହାର କରାଯାଇପାରିବ ସେ ନେଇ ବ୍ୟବସ୍ଥା ହେବ। ଏହି ବ୍ଲୁ ପ୍ରିଣ୍ଟ ନେଇ ଜିଲାରେ ଥିବା ଶିଳ୍ପ ସଂସ୍ଥା ଓ ବିଭାଗୀୟ ଅଧିକାରୀମାନଙ୍କ ପରାମର୍ଶ ଲୋଡ଼ାଯିବ। ସେମାନଙ୍କ ପରାମର୍ଶ ମିଳିବା ପରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ ଆଇଆଇଟି କାନପୁରର ଆର୍ଥ ସାଇନ୍ସ ବିଭାଗ ଜରିଆରେ ସମସ୍ତ ଯୋଜନାକୁ ବାସ୍ତବ ରୂପ ଦିଆଯିବ।

**ପ୍ରଦୂଷଣ ମାତ୍ରା ନିଶ୍ଚିତ କମିବ**



"ଅନୁଗୋଳକୁ ପ୍ରଦୂଷଣମୁକ୍ତ ଜିଲା ଭାବେ ଗଢ଼ି ତୋଳିବାକୁ ଆଇଆଇଟି କାନପୁର ସହ ମିଶି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ଚାଲିଛି। ଏହା କାର୍ଯ୍ୟକାରୀ ହେବା ପରେ ଜିଲାରେ ପ୍ରଦୂଷଣ ମାତ୍ରା ନିଶ୍ଚିତ ଭାବେ ହ୍ରାସ ପାଇବ। ସମ୍ପୂର୍ଣ୍ଣ ନ ହେଲେ ମଧ ପ୍ରଦୂଷଣକୁ ନିୟନ୍ତ୍ରଣ ମଧରେ ରଖିବାରେ ସଫଳତା ମିଳିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

**ଫଳପ୍ରଦ ପ୍ଲାନ ପ୍ରସ୍ତୁତ ହେବ**



"ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏଥିପାଇଁ ସର୍ଭେ କରାଯିବ। କେଉଁ ସ୍ଥାନର କିଭଳି ଭାବେ ପୁନରୁଦ୍ଧାର ହେବ, ସେ ନେଇ ଏକ ଫଳପ୍ରଦ ପ୍ଲାନ ପ୍ରସ୍ତୁତ କରାଯିବ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ।

-ପ୍ରଫେସର ରାଜୀବ ସିହ୍ନା, ଆଇଆଇଟି କାନପୁର

**ସମସ୍ତଙ୍କ ଆନ୍ତରିକ ଉଦ୍ୟମ ରହୁ**



"ଯୋଜନା ଅତି ସୁନ୍ଦର। ଏହାଛଡ଼ା ବୈଷୟିକ ଅନୁଷ୍ଠାନର ହସ୍ତକ୍ଷେପ ରହିଥିବାରୁ ଏହା ସଫଳ ହେବ। ହେଲେ ଏ ନେଇ ସମସ୍ତଙ୍କ ଆନ୍ତରିକ ଉଦ୍ୟମ ରହିବା ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ଅନୁଗୋଳ ଜିଲାରେ ମାତ୍ର ଗୋଟିଏ ଖଣି ବନ୍ଦ ହୋଇଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଗଲେ ଭଲ।

-ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ୍

**ସ୍ୱଚ୍ଛତାର ସହ କାର୍ଯ୍ୟ କରାଯାଉ**



"ଜଳାଶୟ ପୁନରୁଦ୍ଧାର ଏବଂ ଆର୍ଦ୍ରଭୂମି ସଂରକ୍ଷଣ ନେଇ ଅନୁଗୋଳ ଜିଲା ପ୍ରଶାସନର ଯୋଜନା ନିଶ୍ଚିନ୍ତ ସ୍ୱାଗତଯୋଗ୍ୟ। ସ୍ୱଚ୍ଛତା ଓ ଯୋଜନା ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ସଫଳ ହେବା ସହ ଲୋକାଭିମୁଖୀ ହୋଇପାରିବ।

-ସୁବ୍ରତ କୁମାର ପ୍ରଧାନ, ପରିବେଶବିତ୍

### ସାଇକେଲ ଚଳାନ୍ତୁ, ସୁସ୍ଥ ରୁହନ୍ତୁ



ଢେଙ୍କାନାଳ ଅଭିମୁଖେ ସାଇକେଲ ଚଳାଇ ଯାଉଛନ୍ତି ପ୍ରକାଶ ଗଡ଼ନାୟକ।

ଅନୁଗୋଳ ଅଫିସ,୪।୬

ବିଶ୍ୱ ସାଇକେଲ ଦିବସ ଅବସରରେ ଶନିବାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ତଥା ଅନୁଗୋଳ ଜିଲାର ଦ୍ରୁତ ସାଇକେଲ ଚାଳକ ପ୍ରକାଶ ଗଡ଼ନାୟକ ସଚେତନତାର ବାର୍ତ୍ତା ବଣ୍ଟନ କରିଛନ୍ତି। ସେ ଅନୁଗୋଳରୁ ଢେଙ୍କାନାଳ ଜିଲାର ସାତମାଇଲ ପର୍ଯ୍ୟନ୍ତ ଯାତ୍ରା କରିବା ସହିତ ପୁଣି ସେଠାରୁ ଅନୁଗୋଳ ଫେରି ଆସିଛନ୍ତି। ଏଥିସହିତ ୭୦ କିଲୋମିଟର ଯାତ୍ରା ଅବସରରେ ସେ 'ସାଇକେଲ ଚଳାନ୍ତୁ, ସୁସ୍ଥ ରୁହନ୍ତୁ' ବାର୍ତ୍ତା ସମସ୍ତଙ୍କୁ ପ୍ରଦାନ କରି ସଚେତନ କରିଥିଲେ। ସାଇକେଲ ଚଳାଇଲେ ମଣିଷ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ସହ ଦୀର୍ଘାୟୁ ହୋଇପାରେ। ସୁସ୍ଥ ଜୀବନଶୈଳୀ ଓ ସୁନ୍ଦର ପରିବେଶ କ୍ଷେତ୍ରରେ ସାଇକେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଏହି କ୍ରୀଡ଼ାବିତ୍ ସମସ୍ତଙ୍କୁ ସଚେତନ କରିଥିଲେ।

## କୁକୁର କାମୁଡ଼ାରେ ଶମ୍ବର ମୃତ



ଶମ୍ବରର ମୃତଦେହ ନିକଟରେ ବନ ବିଭାଗ ଅଧିକାରୀମାନେ।

ଛେଣ୍ଡିପଦା,୪।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତ ଭାଲିଆସର ଗ୍ରାମ ନିକଟକୁ ଶନିବାର ସକାଳେ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଏକ ଶମ୍ବରର କୁକୁର କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତ ଶମ୍ବରର ବୟସ ୪ ବର୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଘଟଣାରୁ ପ୍ରକାଶ, ନୂଆଗାଁ ସଂରକ୍ଷିତ ଜଙ୍ଗଲର ଭାଲିଆସର ଅଞ୍ଚଳରୁ ଉକ୍ତ ଶମ୍ବରଟି ଗ୍ରାମ ନିକଟକୁ ଚାଲିଆସିଥିଲା। ହେଲେ ଗାଁରେ ଥିବା କୁକୁର ପଲ ଗୋଡ଼ାଇ ଆକ୍ରମଣ କରିବାରୁ ଶମ୍ବରଟି ନୂଆଗାଁ ଗାଁ ମୁଣ୍ଡରେ କ୍ଷତାକ୍ତ ହୋଇଯାଇଥିଲା। ଖବରପାଇ କଣଲୋଇ ସେକ୍ସନ ଫରେଷ୍ଟ ଗାର୍ଡ କମଳ ଲୋଚନ ପ୍ରଧାନ ଓ ହାତୀସ୍କାଡ୍ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କରୁଥିବାବେଳେ ଶମ୍ବରର ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହକୁ ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ପଞ୍ଚନାମା କରାଯାଇଥିଲା। ଛେଣ୍ଡିପଦା ପ୍ରାଣୀଧନ ଅଧିକାରୀ ବିକାଶ କୁମାର ବେହେରା ମୃତଦେହ ବ୍ୟବଚ୍ଛେଦ କରିଥିଲେ। କୁକୁର କାମୁଡ଼ାରେ ଶମ୍ବରର ପିଠି, ବେକ ଓ ଗୋଡ଼ କ୍ଷତାକ୍ତ ହୋଇଥିବାରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ବନ କାର୍ଯ୍ୟାଳୟ ପରିସରରେ ମୃତ ଶମ୍ବରକୁ ପୋତି ଦିଆଯାଇଛି।

### ଦେଉଳଝରୀରେ ଶିବ ବିବାହ

ଆଠମଲ୍ଲିକ,୪।୬(ଡି.ଏନ.ଏ.)

ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ଶନିବାର ଆଠମଲ୍ଲିକର ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତେବେ ଦେଉଳଝରୀରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ ବରୁଣ ବେହେରା ଓ କନ୍ୟାପିତା ଭାବେ ସନ୍ତୋଷ କୁମାର ବଡ଼ମାଳୀ ଦାୟିତ୍ୱ ତୁଲାଇ ଥିଲେ। ପୂଜକ ସଂଘ ସଭାପତି ଜନାର୍ଦ୍ଦନ ବଡ଼ମାଳି, ସମ୍ପାଦକ ସଞ୍ଜୟ କୁମାର ଦେହୁରୀ, ବରିଷ୍ଠ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଓ ୭୨ ଘର ପୂଜକ ପରିବାର ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗଣ୍ଡଗୋଳ ଘଟଣାରେ ଜଣେ କୋର୍ଟଚାଲାଣ

ଅନୁଗୋଳ ଅଫିସ,୪।୬

ଅନୁଗୋଳ ପୋଲିସ ଗଣ୍ଡଗୋଳ ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକଜଣଙ୍କ ହାତୀଶାଳପଡାର ରାକେଶ ବାରିକ(୨୨) ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ହାତୀଶାଳପଡାରେ ଜବରଦଖଲ ଉଚ୍ଛେଦ ସମୟରେ ମଦନମୋହନପଡାର ବିହାରୀଲାଲ ବେହେରାଙ୍କ ସହ ରାକେଶ ଗଣ୍ଡଗୋଳ କରିଥିଲେ। ଏ ନେଇ ବିହାରୀଲାଲ ଗତ ୨୬ ତାରିଖରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବେଆଇନ ନିର୍ମାଣ ଉଚ୍ଛେଦ, ଚାପା ଉତ୍ତେଜନା

ତାଳଚେର,୪।୬ (ନି.ପ୍ର.)

ତାଳଚେର ରାଣୀ ପାର୍କର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଏବଂ ବ୍ରାହ୍ମଣୀ ସେତୁ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଶନିବାର ତାଳଚେର ପୌରାଞ୍ଚଳର ୧ ନମ୍ବର ୱାର୍ଡର ବୀରବରପଲି ଅଞ୍ଚଳରେ ବେଆଇନ ନିର୍ମାଣ ଉଚ୍ଛେଦ କରାଯାଇଛି। ଏଠାକାର ସରକାରୀ ଜମି ଉପରେ ନିର୍ମାଣ ହୋଇଥିବା ବେଆଇନ କୋଠା ଓ ଘରକୁ ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ପୂର୍ବ ପ୍ରସ୍ତୁତି ମୁତାବକ ସକାଳେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଏସ୍‌ଡିପିଓ ଏସ୍. ସ୍ୱାତୀ କୁମାରୀ, ତହସିଲଦାର ମନ୍ମଥ ନାୟକ, ତାଳଚେର, କଳିୟାରୀ, ବିକ୍ରମପୁର, ଏନ୍‌ଟିପିସି ଥାନା ଆଇଆଇସିଙ୍କ ସମେତ ବ୍ୟାପକ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଡୋଜର ଦ୍ୱାରା ବେଆଇନ ଭାବେ ନିର୍ମାଣ ହୋଇଥିବା କୋଠା ଘର ଭଙ୍ଗା କାମ ଆରମ୍ଭ ହୋଇଥିଲା। ପ୍ରଶାସନର ଏଭଳି କାର୍ଯ୍ୟକୁ କେତେଜଣ ବିରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ସୂଚନାଯୋଗ୍ୟ, ୬ ମାସ ଆଗରୁ ଏଥିପାଇଁ ନୋଟିସ ଦିଆଯାଇଥିଲା। ପଞ୍ଚାୟତ ନିର୍ବାଚନ ଥିବାରୁ ଉଚ୍ଛେଦ କାମ ବନ୍ଦ ଥିଲା। ଅପରାହ୍ନ ସୁଦ୍ଧା ୧୬ ଗୋଟି ଘର ଭଙ୍ଗାଯାଇଛି ଓ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଉଛି।

## ବ୍ଲକସ୍ତରୀୟ ନିର୍ବାଚନ ସମୀକ୍ଷା କଲେ ବିଧାୟକ

କଣିହାଁ,୪।୬(ଡି.ଏନ.ଏ.)

କଣିହାଁ ବ୍ଲକ ଅର୍କିଳ ଆମ୍ବତୋଟାଠାରେ ଶନିବାର ବ୍ଲକସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ୧୦ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ଜିଲା ସମ୍ପାଦକ ଝସକେତନ ପ୍ରଧାନ, କଣିହାଁ ବ୍ଲକ ଯୁବ ବିଜେଡି ସଭାପତି ଗଗନ କୁମାର ରାଉତ, ଛାତ୍ର ବିଜେଡି ସଭାପତି ଦେବାଶିଷ ମହାନ୍ତି, ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ବରିଷ୍ଠ ବିଜେଡି ନେତା କୈଳାସ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକରେ କଣିହାଁ ବ୍ଲକର ୧୯ଟି ପଞ୍ଚାୟତ ବିଜେଡି ସଭାପତି, ସମ୍ପାଦକ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଓ ବରିଷ୍ଠ ବିଜେଡି ନେତାମାନେ ଯୋଗ ଦେଇଥିଲେ। ଏହି ବୈଠକରେ ୱାର୍ଡସ୍ତରରୁ ବିଜୁ ଜନତା ଦଳର ଜିଲା ପରିଷଦ ସଦସ୍ୟମାନେ କେତେ ଭୋଟ ପାଇଥିଲେ ସେ ବିଷୟରେ ଆଲୋଚନା ହୋଇଥିଲା। ୧୯ଟି ପଞ୍ଚାୟତର ସମସ୍ତ ଭୋଟରଙ୍କୁ ବିଧାୟକ ଏଥିପାଇଁ ସାଧୁବାଦ ଜଣାଇଲେ। ଆଗାମୀ ଦିନରେ ବିଜେଡି ସଙ୍ଗଠନ କିପରି ମଜଭୁତ ହେବ ସେଥିପାଇଁ ଜୁନ ୨୫ ସୁଦ୍ଧା ପଞ୍ଚାୟତସ୍ତରରେ ସମୀକ୍ଷା ବୈଠକ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ବିଶ୍ୱାଳ, ଅବନୀ କାନ୍ତ ଦେହୁରୀ, ରାମଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଜୟନ୍ତ ପ୍ରଧାନ, କରୁଣାକର ପ୍ରଧାନ, ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



ବୈଠକରେ ବିଧାୟକଙ୍କ ସମେତ ଦଳର ଅନ୍ୟ କର୍ମକର୍ତ୍ତା ଓ କର୍ମୀମାନେ।

## ଶୋଭାଯାତ୍ରାରେ ଗାଁ ବୁଲିଲେ ଠାକୁର



ଦେବ ବିବାହ ପାଇଁ ବେଦି ପ୍ରସ୍ତୁତ କରାଯାଇଛି।

ବଅଁରପାଳ,୪।୬(ଡି.ଏନ.ଏ.)

**ରାଣୀଗୋଡ଼ାରେ ଶୀତଳଷଷ୍ଠୀ**

ବଅଁରପାଳ ବ୍ଲକ ରାଣୀଗୋଡା ଗ୍ରାମରେ ଶୀତଳଷଷ୍ଠୀ ଅବସରରେ ପ୍ରଭୁ ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ସକାଳେ ସୂର୍ଯ୍ୟ ପୂଜା ହୋଇଥିଲା। ପୂର୍ବାହ୍ନ ୯ଟା ୩୦ରେ ବରାନୁଗମନ ଓ ୨ଟା ୪୬ରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବେଦି କାର୍ଯ୍ୟ ପରେ ଠାକୁରଙ୍କୁ ବର ପିତା ଜେନାମଣି ରତ୍ନ ସମ୍ଭବ ରାଓ ଓ କନ୍ୟା ପିତା ପ୍ରଦୀପ ପ୍ରଧାନଙ୍କ ଘରକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ମନ୍ଦିରକୁ ଶିବ ଓ ପାର୍ବତୀଙ୍କୁ ଅଣାଯାଇଥିଲା। ସନ୍ଧ୍ୟାରେ ଶୋଭାଯାତ୍ରାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଲଉଡି ଖେଳ, ଘଣ୍ଟ ବାଦ୍ୟ, ଡିଜେ, ନାମ ସଂକୀର୍ତ୍ତନ, ପାଇକ ଖେଳ ପରିବେଷଣ ହୋଇଥିଲା। ରାତିରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ଅଣାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡନୃତ୍ୟ ପ୍ରତିଯୋଗିତା ରହିଛି। ପ୍ରଥମ ରାତିରେ ଗୋପୀନାଥପୁର ଓ ସାକୋସିଂହା ମଧ୍ୟରେ ପ୍ରତିଯୋଗିତା ହେବ। ରବିବାର ଦ୍ୱିତୀୟ ରାତିରେ କାଣ୍ଡସର ଓ ଭାଗବତପୁର ମଧ୍ୟରେ ଦଣ୍ଡନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାର ଫାଇନାଲ ପ୍ରତିଯୋଗିତା କରାଯାଇ ଆକର୍ଷଣୀୟ ପୁରସ୍କାର ବିତରଣ କରାଯିବ। ମନ୍ଦିର କମିଟି ସଭାପତି ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ସାହୁ ଓ ସମ୍ପାଦକ ଅଭୟ ପରିଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯିବ।

### ହଣ୍ଡପାରେ ଶିବ ବିବାହ ଉତ୍ସବ

ବଇଣ୍ଡା,୪।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଶିବ ମନ୍ଦିର ପରିସରରେ ଶନିବାର ଶୀତଳ ଷଷ୍ଠୀ ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ସକାଳେ ଏକ ଶୋଭାଯାତ୍ରାରେ ଶିବ ପାର୍ବତୀଙ୍କୁ ଅଣାଯାଇଥିଲା। ଏହି ସମୟରେ ବାଜା, ବାଣରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ହୋମଯଜ୍ଞ କରାଯାଇ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ କରାଯାଇଥିଲା। ଏଥିରେ ବର ପକ୍ଷ ଭାବେ ଶ୍ରୀପତି ପ୍ରଧାନ, କନ୍ୟା ପକ୍ଷ ଭାବେ ଅକ୍ଷୟ ପ୍ରଧାନ ହୋମରେ ବସିଥିଲେ। ଏଥିରେ ବହୁ ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଆଖପାଖ ୨୫ ଖଣ୍ଡ ଗ୍ରାମବାସୀ ଯୋଗଦେଇଥିବାବେଳେ ପ୍ରଫୁଲ୍ଲ ପ୍ରଧାନ, ପ୍ରଦୀପ ବେହେରା, ଅଜୟ ପ୍ରଧାନ, ସଂସାର ସ୍ୱାଇଁ, ମୋହନ ପ୍ରଧାନ, ପବିତ୍ର ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଜୟାନନ୍ଦ ସାହୁ, ଅରୁଣ ସାହୁ, ସିପୁନ ପରିଡା ପ୍ରମୁଖ ସହଯୋଗ କରିଥିଲେ।



ବିବାହ ଉତ୍ସବ ଅବସରରେ ମନ୍ଦିରରେ ଉପସ୍ଥିତ କନ୍ୟା ଓ ବରପକ୍ଷ।

## ସଂକ୍ଷେପରେ

### ରାମଚଣ୍ଡୀ ପୀଠରେ ଶୀତଳଷଷ୍ଠୀ ଉତ୍ସବ



ସାତମାଇଲ, ୪।୬(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଶନିବାର ଶୀତଳଷଷ୍ଠୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ଚାନ୍ଦିନୀଚୌକ ନିବାସୀ ପ୍ରଦୀପ୍ତ କୁମାର ମହାପାତ୍ର, ସସ୍ମିତା ପଣ୍ଡା କନ୍ୟା ମାତାପିତା ଏବଂ କଟକ ଜାଇଁଲୋ ନିବାସୀ ଦାଶରଥି ଜେନା ଏବଂ କୁନିବାଳା ପ୍ରଧାନ ବର ମାତାପିତା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଇ ନଗର ପରିକ୍ରମା କରାଯିବା କାର୍ଯ୍ୟକ୍ରମ ରହିଛି।

### ୩ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ



ଢେଙ୍କାନାଳ ଅଫିସ୍, ୪।୬: ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶନିବାର ୩ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ସରୋଜ କୁମାର ସେଠୀ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ସେମାନେ ହେଲେ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟିର ଛାତ୍ର ଶୁଭେନ୍ଦୁ ଜେନା, ଢେଙ୍କାନାଳ ସ୍ୱୟଂଶାସିତ କଲେଜର ଛାତ୍ର ରଣଦୀପ ରାଉତ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ବୀଣାପାଣି ସାହୁ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରରେ ଅଧ୍ୟୟନ କରୁଥିବା ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଲାପଟପ୍ ପ୍ରଦାନ କରାଯାଉଛି। ଚଳିତ ବର୍ଷ ଜିଲାର ମୋଟ ୫ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ସୂଚନା ପ୍ରଦାନ କରିଛନ୍ତି।

# ଢେଙ୍କାନାଳରେ ହେବ ହେଲିପ୍ୟାଡ୍

ଢେଙ୍କାନାଳ ଅଫିସ୍, ୪।୬



ବୀରାଶାଳ ଏୟାରଷ୍ଟ୍ରିପ୍।

■ନିର୍ମାଣ ପାଇଁ ଚିହ୍ନଟ କରାଗଲା ୨ ସରକାରୀ ଜମି
■ଜରୁରୀସେବାରେ ବ୍ୟବହାର ହେବ ବୀରାଶାଳ ଏୟାରଷ୍ଟ୍ରିପ୍

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା, ଭିଭିଆଇପିଙ୍କ ଗସ୍ତ ସୁଗମ ଲାଗି ଢେଙ୍କାନାଳରେ ନିର୍ମିତ ହେବ ହେଲିପ୍ୟାଡ୍। ଏଥିଲାଗି ସହର ଉପକଣ୍ଠ ମହିଷାପାଟରେ ୨ଟି ସରକାରୀ ଜମି ଚିହ୍ନଟ କରାଯାଇଛି। ଆବଶ୍ୟକ ସମୀକ୍ଷା, ପରୀକ୍ଷାନିରୀକ୍ଷା ପରେ ସେଥିରୁ ଗୋଟିଏରେ ହେଲିପ୍ୟାଡ୍ ନିର୍ମାଣ କରାଯିବ। ସେହିପରି କଙ୍କଡ଼ାହାଡ଼ ବ୍ଲକ ବୀରାଶାଳରେ ଥିବା ରାଜ୍ୟର ଅନ୍ୟତମ ପୁରାତନ ଏୟାରଷ୍ଟ୍ରିପ୍‌କୁ ଜରୁରୀ ସମୟରେ ବ୍ୟବହାର କରିବା ଲାଗି ଉନ୍ନତୀକରଣ କରାଯିବ। ଏଥିଲାଗି ପ୍ରସ୍ତୁତ ହୋଇଛି ନୀଳନକ୍ସା।

ଶିଳ୍ପ ଜିଲା ଢେଙ୍କାନାଳରେ ଏକାଧିକ ଜାତୀୟସ୍ତରୀୟ ଅନୁଷ୍ଠାନ ରହିଛି। ବିଭିନ୍ନ ସମୟରେ ବହୁ ପଦସ୍ଥ ଅଧିକାରୀ ଆସୁଛନ୍ତି। ଆପତକାଳୀନ ସମୟରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେଉ କି ଗୁରୁତରଙ୍କୁ ଏୟାରଲିଫ୍ଟ କରିବା, ଏସବୁ କ୍ଷେତ୍ରରେ ଏକ ହେଲିପ୍ୟାଡର ଆବଶ୍ୟକତା ଦୀର୍ଘଦିନ ହେଲା ଅନୁଭୂତ ହେଉଥିଲା। ବିଳମ୍ବରେ ହେଉପଛେ, ଏଥିପ୍ରତି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଶୁଭଦୃଷ୍ଟି ପଡ଼ିଛି। ନିକଟରେ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଏ ନେଇ ଭିଡିଓ କନ୍‌ଫରେନ୍ସରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ସହର ଉପକଣ୍ଠ ମହିଷାପାଟ ରେଙ୍ଗାଲି କଲୋନୀ ନିକଟରେ ୨ଟି ଜମି ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ ପୂର୍ତ୍ତ ବିଭାଗର ୨ ଏକର ୬୩ ଡେସିମିଲ ଏବଂ ରାଜସ୍ୱ ବିଭାଗର ୬ ଏକର ବିଶିଷ୍ଟ ଜମି ରହିଛି। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯିବ। ଏହାପରେ ବିଭାଗୀୟ ବିଶେଷଜ୍ଞମାନେ ଚିହ୍ନଟ ଜାଗା ପରିଦର୍ଶନ କରି ଅନୁଧ୍ୟାନ, ଯାଞ୍ଚ ଏବଂ ପରୀକ୍ଷାନିରୀକ୍ଷା କରିବେ। ଜାଗା ଚୂଡ଼ାନ୍ତ ହେବା ପରେ କୌଣସି ଗୋଟିଏ ସ୍ଥାନରେ ହେଲିପ୍ୟାଡ ନିର୍ମାଣ କରାଯିବ।

ସେହିପରି ୫୩ ଏକର ବିଶିଷ୍ଟ ବୀରାଶାଳ ଏୟାରଷ୍ଟ୍ରିପ୍ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଏହାକୁ ଆବଶ୍ୟକ ସମୟରେ ଜରୁରୀ କାର୍ଯ୍ୟରେ ବ୍ୟବହାର କରାଯିବା ଲାଗି ବ୍ୟବସ୍ଥିତ କରାଯାଉଛି। ୭ କୋଟି ଟଙ୍କା ବ୍ୟୟରେ ହ୍ୟାଙ୍ଗର (ବିମାନ ରହିବା ଗୃହ) ନିର୍ମାଣ କାର୍ଯ୍ୟ ଚାଲିଛି। ଏୟାରଷ୍ଟ୍ରିପ୍ ତାଲିମକେନ୍ଦ୍ରରେ ୫୦ଜଣ ଛାତ୍ରୀଛାତ୍ର ପାଇଲଟ ତାଲିମ ନେଉଛନ୍ତି। ସମ୍ଭାବ୍ୟ ଜରୁରୀ ସ୍ଥିତିକୁ ନଜରରେ ରଖି ବୀରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସୂଚନା ଦେଇ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ଭିଭିଆଇପିଙ୍କ ଗସ୍ତ ସମେତ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ଏକ ହେଲିପ୍ୟାଡ୍ ନିର୍ମାଣ କରାଯିବାକୁ ଯୋଜନା ରହିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ବୀରାଶାଳରେ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି।

# ମାସକରେ ରାସ୍ତା ଫାଟି ଆଁ

କାମାକ୍ଷାନଗର, ୪।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମିତ ରାସ୍ତା ମାସକ ମଧ୍ୟରେ ଫାଟିଯାଇଛି। ଫଳରେ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଦଶୀପୁର ପିଡବ୍ଲ୍ୟୁଡି ରୋଡ୍‌ଠାରୁ ଘାଗରାମୁଣ୍ଡା ପର୍ଯ୍ୟନ୍ତ ୧୭ କିମି ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ୯ କୋଟି ୪୨ଲକ୍ଷ ୫୩ ହଜାର ୭୮୩ ଟଙ୍କା ବ୍ୟୟବରାଦ ହୋଇଥିଲା। ୫ବର୍ଷ ରକ୍ଷଣାବେକ୍ଷଣ କରାଯିବା ପାଇଁ ୭ ଲକ୍ଷ ୬୧ ହଜାର ୫୮୩ ଟଙ୍କା ରଖାଯାଇଥିଲା। ଏକ ଠିକାସଂସ୍ଥା ଏହି ପ୍ରକଳ୍ପ କାର୍ଯ୍ୟ ପାଇଥିବାବେଳେ ସବ୍‌ଲେଟ ଠିକାଦାରଙ୍କ ଦ୍ୱାରା କାମ କରାଯାଇଥିଲା। ତେବେ ନିର୍ମାଣର ମାସକ ଭିତରେ ଗତରେଇ ନୂଆସାହି, ଘାଗରାମୁଣ୍ଡା ଗ୍ରାମର କେତେକ ସ୍ଥାନରେ ରାସ୍ତା ଫାଟି ଆଁ କରିଛି। ମନଇଚ୍ଛା କାମ ପାଇଁ ଅଳ୍ପ ଦିନ ଭିତରେ ରାସ୍ତା ଅବସ୍ଥା ଏଭଳି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ପଣ୍ଡାଙ୍କୁ ପଚାରିବାରେ ସେ ଏହାକୁ ଅତି ହାଲୁକା ଭାବରେ ନେବା ସହ ରାସ୍ତା ଭାଙ୍ଗିଗଲେ ମରାମତି କରାଯିବ ବୋଲି ପ୍ରତିକ୍ରିୟାରେ କହିଥିଲେ। ଅନ୍ୟପଟେ ରାସ୍ତାକାମରେ ହୋଇଥିବା ଅନିୟମିତତାର ନିରପେକ୍ଷ ତଦନ୍ତ କରିବା ସହ ତୁରନ୍ତ ଫାଟିଥିବା ସ୍ଥାନ ମରାମତି କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।


ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ରାସ୍ତା ଫାଟି ଯାଇଛି।

# ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ୍, ୪।୬

ଗଁଦିଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ଶନିବାର ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଚାଳନା ପରିଷଦ ସଭାପତି ସ୍ୱପ୍ନେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂସାର ଭୋଇ, ମୁଖ୍ୟବକ୍ତା ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ସମ୍ମାନିତ ଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ନାଏକ, ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଶିକ୍ଷୟିତ୍ରୀ ସୁମତି ମହାରଣା, ଶିକ୍ଷୟିତ୍ରୀ ଯାମିନୀ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ପରିଚାଳନା ପରିଷଦ ସଦସ୍ୟ, ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭାଙ୍କୁ ସମ୍ମାନିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମେତ ଅତିଥିମାନେ।

# କାମାକ୍ଷାନଗରରେ ଝଡ଼ବର୍ଷା

କାମାକ୍ଷାନଗର, ୪।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲାରେ ଶନିବାର ରାତିରେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହୋଇଛି। ବିଭିନ୍ନ ସ୍ଥାନରେ ଗଛପତ୍ର ଭାଙ୍ଗିପଡ଼ିବା ସହିତ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି। କାମାକ୍ଷାନଗର ଅଞ୍ଚଳରେ ରାତି ପ୍ରାୟ ୭ଟାରୁ ୯ଟା ଯାଏ ଦୁଇଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବଜାରର ବହୁ ଦୋକାନ ହୋର୍ଡିଂ ଉଡ଼ିଯାଇଛି। କେତେକ ସ୍ଥାନରେ ଛପର ଏବଂ ଆଜବେଷ୍ଟସ୍ ଭାଙ୍ଗିଯାଇଛି। ଝଡ଼ବର୍ଷା ପରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ଲାଗି ଉଦ୍ୟମ ଚଳାଇଛନ୍ତି। ଅନ୍ୟପଟେ ବର୍ଷା ଯୋଗୁ ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି।

# ଦେବଦମ୍ପତିଙ୍କ ଲୌକିକ ବିବାହ


ଭୁବନରେ ବାବା ବାଲୁଙ୍କେଶ୍ୱରଙ୍କ ରୋଷଣି ଶୋଭାଯାତ୍ରା।

■ଦେଓଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ
■ବାଜାବାଣରେ କମ୍ପିଲା ଭୁବନ ସହର

ଢେଙ୍କାନାଳ ଅଫିସ୍/ ଭୁବନ(ଡି.ଏନ୍.ଏ.), ୪।୬

କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଏବଂ ମା' ପାର୍ବତୀଙ୍କ ଲୌକିକ ବିବାହକୁ ନେଇ ଉତ୍ସବମୁଖର ହୋଇଉଠିଛି ଦେଓଗାଁ। ଏହି କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ଗ୍ରାମବାସୀ, ଦେବୋତ୍ତର ବିଭାଗ ପକ୍ଷରୁ ଆବଶ୍ୟକ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଦେବଦମ୍ପତିଙ୍କ ବିବାହ ଲାଗି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉ ଦୁଇଦିନ ହେଲା ଦେଓଗାଁସ୍ଥିତ ବଳରାମ ମନ୍ଦିରରେ ଅବସ୍ଥାନ କରିଛନ୍ତି। ଶନିବାର ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ଚଳନ୍ତି ବିଗ୍ରହକୁ ଶିବସାଗର ନିକଟକୁ ନିଆଯାଇଥିଲା। ସେଠାରୁ ବର ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭଜନ ସନ୍ଧ୍ୟା, ନୃତ୍ୟଗୀତରେ ପରିବେଶ ମୁଖରିତ ହୋଇଉଠିଛି। ଜନସମାଗମକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରାଯାଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

ସେହିପରି ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠ, ଛତାମଠ, ମହାଦେବ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିରରେ ଶିବ ବିବାହ ଲାଗି ଚଳଚଞ୍ଚଳ ହୋଇଉଠିଛି। ଏହି ଉପଲକ୍ଷେ ସକାଳେ ମଙ୍ଗଳକୃତ୍ୟ, ସୂର୍ଯ୍ୟ ପୂଜା, ମହାସ୍ନାନ, ବାଟବରଣି ଅନୁଷ୍ଠିତ ହୋଇଥିଲା। ଛତାମଠରେ ବିବାହ ଉତ୍ସବ ସମ୍ପନ୍ନ ପରେ ପ୍ରଭୁଙ୍କୁ ସହର ପରିକ୍ରମା କରାଯାଇଥିଲା। ପୂଜାରାଣୀ ସାହୁ, ନିରଞ୍ଜନ ସାହୁ କନ୍ୟା ମାତାପିତା ଏବଂ ସୋନାଲି ଦାସ, ହୃଷୀକେଶ ଦାସ ବର ମାତାପିତା ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ହରିହର ସାହୁ, କାଶୀନାଥ ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତା ସହଯୋଗ କରିଥିଲେ।

ସେହିପରି ନିର୍ଦ୍ଧାରିତ ସମୟରେ ବାବା ବୁଦ୍ଧେଶ୍ୱରଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ବାଦ୍ୟବାଜଣାରେ ସହର ପରିକ୍ରମା କରାଯାଇଥିଲା। ରଙ୍ଗାରଙ୍ଗ ଆତସବାଜି କାର୍ଯ୍ୟକ୍ରମ, ପାରମ୍ପରିକ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ବିଭିନ୍ନ ଛକରେ ପ୍ରଭୁଙ୍କୁ ମହିଳାମାନେ ବନ୍ଦାପନା କରିଥିଲେ। ଆରତୀ ଚିନ୍ନରା, ହିମାଂଶୁ ଚିନ୍ନରା କନ୍ୟା ମାତାପିତା, ପ୍ରଣତି ସାହୁ, ବିଶ୍ୱମୋହନ ସାହୁ ବର ମାତାପିତା ଭାବେ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।


ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ୧୭୧ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ୍, ୪।୬

ରକ୍ତଅଭାବ ଦୂର ପାଇଁ ଅଣ୍ଟାଭିଡ଼ିଲା ସାଇ ସେବା ଟ୍ରଷ୍ଟ

ଢେଙ୍କାନାଳ ଜିଲା ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ଆଗେଇ ଆସିଛି ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ। ଅନୁଷ୍ଠାନ ତରଫରୁ ସ୍ଥାନୀୟ ଟାଉନ ହଲ୍ ପରିସରରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବହୁ ସ୍ୱେଚ୍ଛାକୃତ ରକ୍ତଦାତା ସାମିଲ ହୋଇଥିଲେ। ମୋଟ୍ ୧୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ପ୍ରାରମ୍ଭରେ ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳରେ ଦେଖାଦେଇଥିବା ରକ୍ତସଙ୍କଟର ସମାଧାନ ଲାଗି ଏହା ସହାୟକ ହେବ। ରକ୍ତ ସଙ୍କଟ ସମୟରେ ଏଭଳି ଶିବିର ଆୟୋଜନକୁ ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗକୁ ଏହା ଜାରି ରଖିବାକୁ ସେ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଜିଲା ଆପତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଟାଉନ ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ଯୁବ ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ରୋଟାରିଆନ୍ ରାଜକିଶୋର ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ଖୁଣ୍ଟିଆଙ୍କ ପରିଚାଳନାରେ ଜିଲା ରକ୍ତଭଣ୍ଡାର ଅଧିକାରୀ ଜୟନାରାୟଣ ପାଢ଼ୀ, ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ତପନ କୁମାର ଜେନା, ବରୁଣ ସାହୁ, ଅଜୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଶରତ ଚନ୍ଦ୍ର ପାଢ଼ୀ, ଗଣମାଧ୍ୟମ ପ୍ରତିନିଧି ଅଭୟ ସାହୁ, ଓକିଲ ସଂଘର ଟଙ୍କଧର ବେହେରା, ଶ୍ୟାମଚରଣପୁର ବିକାଶ ପରିଷଦର ଯୋଗୀନାଥ ମହାନ୍ତି, ସଚେତନ ନାଗରିକ ଫୋରମ୍‌ର ଅମରେନ୍ଦ୍ର ସାହୁ, ରୋଟାରି କ୍ଲବର ଦେବବ୍ରତ ଭଞ୍ଜ, ମାରୱାଡି ଯୁବାମଞ୍ଚର ମହେଶ ଅଗ୍ରୱାଲ, ବଜରଙ୍ଗ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଶ୍ରୀରାମ ସେବା ସଦନର କର୍ମକର୍ତ୍ତା ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ।



ଶିବିରରେ ଜଣେ ରକ୍ତଦାତାଙ୍କଠାରୁ ରକ୍ତସଂଗ୍ରହ କରାଯାଉଛି।

# ୧୮ ବର୍ଷ ହେଲା ଅଲୋଡ଼ା

ପରଜଙ୍ଗ, ୪।୬(ଡି.ଏନ୍.ଏ.)


ଶଯ୍ୟାଶାୟୀ ବସନ୍ତଙ୍କ ନିକଟରେ ଟ୍ୟୁମର ଆକ୍ରାନ୍ତ ସ୍ତ୍ରୀ ବାସନ୍ତୀ।

■ସହାୟତା ଅପେକ୍ଷାରେ ଶଯ୍ୟାଶାୟୀ ବସନ୍ତ
■ଦାଉ ସାଧୁଛି ଜଟିଳ ଅସ୍ଥିଜନିତ ରୋଗ, ଯକ୍ଷ୍ମା
■ସ୍ତ୍ରୀଙ୍କୁ ଟ୍ୟୁମର, ଅର୍ଥାଭାବରୁ ହୋଇପାରୁନାହିଁ ଚିକିତ୍ସା

୨୦୦୪ରୁ ୨୦୨୨। ୧୮ବର୍ଷ ହେଲା ଅଲୋଡ଼ା ଜୀବନ। ବଞ୍ଚି ରହିବାକୁ ଜାରି ରହିଛି ସଂଘର୍ଷ। ହେଲେ ନା ମିଳୁଛି ରୋଗରୁ ଉପଶମ ନା କମୁଛି ଯନ୍ତ୍ରଣା। କେବଳ ଲୁହ ନିଗାଡ଼ିବା ସାର ହୋଇଛି। ଦାରିଦ୍ର୍ୟର ଚକ୍ରବ୍ୟୂହ ଅସ୍ଥିଜନିତ ବ୍ୟାଧି, ଯକ୍ଷ୍ମା ଏବଂ ଟ୍ୟୁମର ଭଳି ଜଟିଳ ରୋଗରୁ ମୁକୁଳିବାର ବାଟ ବନ୍ଦ କରିଦେଇଥିବାବେଳେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ବଡାସିଂହ ଗ୍ରାମର ବସନ୍ତ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀ ବାସନ୍ତୀ।

ସାମାନ୍ୟ ଦୁର୍ଘଟଣା କିପରି ଏକ ହସଖୁସିର ପରିବାରକୁ ଛାରଖାର କରିଦେଇ ଠେଲି ଦେଇପାରେ ଯନ୍ତ୍ରଣା ମୁହଁକୁ, ତାହା ଦେଖିବାକୁ ମିଳିଛି ବସନ୍ତଙ୍କ ପରିବାର କ୍ଷେତ୍ରରେ। ବସନ୍ତ ଏବଂ ବାସନ୍ତୀ। ଦୁଇଜଣଙ୍କୁ ନେଇ ଗଡ଼ିଚାଲିଥିଲା ସଂସାର ରଥ। ତେବେ ୨୦୦୪ରେ ଦଇବ ସାଧିଲା ଦାଉ। କୌଣସି କାର୍ଯ୍ୟରେ ବାଡ଼ିକୁ ଯାଇଥିବାବେଳେ ହଠାତ୍ ଖସିପଡ଼ିଲେ ବସନ୍ତ। ଶରୀରର ଗୋଟିଏ ଭାଗ ଅଚଳ ହୋଇଗଲା। ଆଉ ସେହିଦିନଠାରୁ ଛିଡ଼ା ହୋଇନାହାନ୍ତି ସେ। ସେମିତି ପଡ଼ିରହିଛନ୍ତି ଖଟିଆରେ। ଦିନ ମଜୁରିଆ ଭାବେ କାମ କରୁଥିବା ସ୍ୱାମୀଙ୍କ ଏଭଳି ଅବସ୍ଥା ପରେ ବାସନ୍ତୀଙ୍କ କାନ୍ଧରେ ପଡ଼ିଥିଲା ଜୀବନ ଜଞ୍ଜାଳର ବୋଝ। ଅଣ୍ଟାରେ ଲୁଗାଭିଡ଼ି ସେ ବାହାରକୁ ଗୋଡ଼ କାଢ଼ିଲେ। ମୂଲମଜୁରି ଲାଗିଲେ। ହେଲେ ସମୟ ଆହୁରି ପ୍ରତିକୂଳ ହେଲା। ତାଙ୍କ ପେଟରେ ଏବେ ଟ୍ୟୁମର। ରୋଗାକ୍ରାନ୍ତ ଦୁର୍ବଳ ଶରୀର ପାଇଁ ସେ ଆଉ କାମ କରିବାକୁ ଯାଇପାରୁନାହାନ୍ତି। ଫଳରେ ବିଶ୍ୱାଳ ଦମ୍ପତିଙ୍କ ପେଟପାଟଣା କଥା ବୁଝୁଛନ୍ତ ସାହିପଡ଼ିଶା।

ଅପରପକ୍ଷେ ଦୁହିଁଙ୍କ ଚିକିତ୍ସାରେ ହାତରେ ଥିବା ଟଙ୍କା, ଜମିବାଡ଼ି, ସୁନା ଅଳଙ୍କାର ସବୁ ସରିଗଲାଣି। ମିଳୁଥିବା ସରକାରୀ ଚାଉଳ ସେମାନଙ୍କ ଶେଷ ସମ୍ବଳ ପାଲଟିଛି। ଏପଟେ ଦିନକୁ ଦିନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଚାଲିଛି। ପକ୍ଷାଘାତ ଆକ୍ରାନ୍ତ ବସନ୍ତଙ୍କ ବାମଗୋଡ଼ ନଷ୍ଟ ହେବାକୁ ବସିଲାଣି। ଜଟିଳ ଯକ୍ଷ୍ମା ଦିନକୁ ଦିନ ଶରୀରକୁ ରୁଗ୍‌ଣ କରିଦେଉଛି। ସକାଳ ହେଲେ ଯେଉଁଠି ପେଟ ଭର୍ତ୍ତି ଖାଇବା ପାଇଁ ଚିନ୍ତା, ସେଠାରେ ଉନ୍ନତମାନର ଚିକିତ୍ସା କଥା ଭୁଲିଯାଇଛନ୍ତି ସ୍ତ୍ରୀସ୍ୱାମୀ। ତୁରନ୍ତ ସରକାରୀ ସହାୟତା ନ ମିଳିଲେ, ରୋଗ ଏବଂ ଅନାହାରରେ ଦୁଇଜଣଙ୍କ ଜୀବନ ଚାଲିଯିବ ବୋଲି ପଡ଼ୋଶୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଅରୁଣଦେଓ ନାୟକଙ୍କ ସହ ଯୋଗାଯୋଗ କରିବାରେ ସେ ସମ୍ପୃକ୍ତ ପରିବାରକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଉଭୟଙ୍କ ମେଡିକାଲ ଚିକିତ୍ସା ପାଇଁ ନିୟମ ଅନୁଯାୟୀ ସମସ୍ତ ସରକାରୀ ସହାୟତା ନିଶ୍ଚିତ ଭାବେ ଯୋଗାଇ ଦିଆଯିବ। ତେବେ ଦୀର୍ଘ ୧୮ବର୍ଷ ହେଲା ପ୍ରଶାସନ ଦୃଷ୍ଟିରେ ଅଲୋଡ଼ା ହୋଇପଡ଼ିଥିବା ବସନ୍ତ ଏବଂ ବାସନ୍ତୀଙ୍କୁ କେବେ ସହାୟତା ମିଳିବ ତାହା ଏବେ ଦେଖିବାକୁ ବାକି ରହିଲା ବୋଲି ଗ୍ରାମବାସୀ କହିଛନ୍ତି।

